ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ଵବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 27-02-2024

ମୟୁରଭଞ୍ଜ(ଓଡିଶା) - :2024-02-27 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-02-28 | 2024-02-29 | 2024-03-01 | 2024-03-02 | 2024-03-03 |
|---|---|---|---|---|---|
| ବର୍ଷା (ମିମି) | 8.0 | 0.0 | 4.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 32.0 | 33.0 | 34.0 | 34.0 | 34.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 19.0 | 19.0 | 20.0 | 21.0 | 21.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 61 | 58 | 68 | 57 | 53 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 30 | 28 | 25 | 20 | 21 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7 | 8 | 8 | 7 | 11 |
| ପବନର ଦିଗ (ଡିଗ୍ରୀ) | 210 | 158 | 248 | 205 | 212 |
| ମେଘାଚ୍ଛନ (ଅକ୍ଟା) | 6 | 2 | 6 | 0 | 4 |

## ପାଣିପାଗ ସାରାଂଶ/ସତର୍କ:

ସ୍ୱଚ୍ଛ ରୁ ସାଧାରଣତଃ ମେଘୁଆ ଆକାଶ ସହିତ ଜିଲ୍ଲାରେ ମଙ୍ଗଳବାର ଓ ଗୁରୁବାର ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି | ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୭.୦ ରୁ ୧୧.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ | ସର୍ବାଧିକ ତାପମାତ୍ରା ୩୨.୦°C ରୁ ୩୪.୦°C ମଧ୍ୟରେ ହୋଇପାରେ | ସର୍ବନିମ୍ନ ତାପମାତ୍ରା ୧୯.୦°C ରୁ ୨୧.୦°C ମଧ୍ୟରେ ରହିପାରେ | ସକାଳେ ଆପେକ୍ଷିକ ଆଦ୍ରତା ୫୩ ରୁ ୬୮ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୨୦ ରୁ ୩୦ ପ୍ରତିଶତ ମଧ୍ୟରେ ରହିପାରେ |

## ସାଧାରଣ ଉପଦେଶ:

ବର୍ଷାର ସମ୍ଭାବନା ଥିବାରୁ ଗୁଣାତ୍ମକ ମାନର ଅବନତି ନହେବା ପାଇଁ ଅମଳକ୍ଷମ ଉତ୍ପାଦ ଅର୍ଥାତ୍ ପରିପକ୍ୱ ଫଳ, ପନିପରିବା ଏବଂ ଫୁଲକୁ ଅମଳ କରାଯିବା ଏବଂ ବିକ୍ରି କରାଯିବା ବ୍ୟବସ୍ଥା କରନ୍ତୁ | ଡାଲୁଅ ଧାନ ତଳିରେ ବାରମ୍ବାର ହାଲୁକା ଜଳସେଚନ କରନ୍ତୁ । ସନ୍ଧ୍ୟାରେ ପନିପରିବା ଫସଲକୁ ଜରି ଦ୍ୱାରା ବାଉଁଶ ରେ ବାନ୍ଧି ଘୋଡାଇ ଦିଅନ୍ତୁ । ଏହିପରି ଜରି ବ୍ୟବହାର କରନ୍ତୁ ଯେଉଁଥିରେ କଣା ନ ଥିବ । ଜରିଟିକୁ ଏହି ପରି ଭାବେ ଘୋଡାନ୍ତୁ ଯେପରି ଏହା ଫସଲ କୁ ଛୁଇଁବ ନାହିଁ । ସକାଳ ସମୟରେ ଏହି ଜରିକୁ ଉଠାଇ ଦିଅନ୍ତୁ । ବର୍ତ୍ତମାନ କେତେକ ସ୍ଥାନରେ କୁହୁଡ଼ି ପାଇଁ ଫସଲ ମାନଙ୍କରେ ସମ୍ଭାବ୍ୟ କ୍ଷତି ହେବାର ସମ୍ଭାବନା ରହିଛି । କୃଷକମାନେ ପାକଳ/ପାଚିଲା ଫସଲ ଅମଳ କରନ୍ତୁ । କୃଷକମାନେ ଘାସ ବାଛନ୍ତୁ ଏବଂ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । ଅଧିକ ଆର୍ଦ୍ରତା ଯୋଗୁଁ ରୋଗ ଓ ପୋକ ଅଧିକ ହେବାର ସମ୍ଭାବନା ରହିଛି । କୃଷକମାନେ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିପାରିବେ । ମହୁମାଛି ମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକକୁ ପ୍ରୟୋଗ କରନ୍ତୁ । ସର୍ବଦା ଘାସମରା ଔଷଧକୁ ସଫା ପାଣିରେ ମିଶାଇ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟରରେ ସିଂଚନ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଜମିର ବତର ଦେଖି ଜଳ ସେଚନ କରନ୍ତୁ । କୃଷକମାନେ ଘାସ ବାଛନ୍ତୁ । ପନିପରିବା ଚାରା କୁ ଅଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ରୁଆ ଯାଇଥିବା ଧାନ ବର୍ତମାନ ପିଲ ହେବା ରୁ ଫୁଲ ହେବା (୫-୮ସପ୍ତାହ) ଅବସ୍ଥାରେ ଅଛି। ଧାନ ଫସଲରେ ଗଣ୍ଠି ଛାଡିବା ବା ଗର୍ଭ ସଂଚାର ଆରମ୍ଭ ହେବା ଅବସ୍ଥାରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଫସଲ ରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଧାନ ଫସଲରେ କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Fipronil ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୬୦-ମିଲି Chlorantraniliprole ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Chromafenozide ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ସୋରିଷ | ସୋରିଷ ଫସଲ ବର୍ତମାନ ଫୁଲ ଫୁଟିବା ଅବସ୍ଥାରେ ଅଛି । ବିଗତ ଦିନରେ ଜିଲ୍ଲା ରେ ହୋଇଥିବା ବର୍ଷା ଯୋଗୁଁ, ଅତ୍ୟଧିକ ଆର୍ଦ୍ରତା ଏବଂ କମ୍ ତାପମାତ୍ରା ହେତୁ ସୋରିଷ ଫସଲ ରେ ନିମ୍ନମୁଖି ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ଏହା ସହ ଅତ୍ୟଧିକ ଆର୍ଦ୍ରତା ହେତୁ ଧଳା କଳଙ୍କି ରୋଗ ମଧ ଲାଗିପାରେ । ବର୍ଷା ଛାଡିଗଲା ପରେ ଏହି ରୋଗର ନିରାକରଣ ନିମନ୍ତେ ରାସାୟନିକ ଉପାୟରେ ୩.୫ ମିଲି ମେଟାଲାକ୍ସିଲ କିମ୍ବା ୨.୫ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ କୁ ପ୍ରତି ଲିଟର ପାଣି ରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ । ବର୍ତ୍ତମାନ ସମୟରେ ସୋରିଷ ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆ ମାଛି ଲାଗିବାର ସମ୍ଭାବନା ରହିଛି । ସୋରିଷ ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆ ମାଛି ର ପରିଚାଳନା ପାଇଁ ଏକର ପ୍ରତି ୨୦୦-ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦-ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ସୋରିଷ ଫସଲରେ ଜଉ ପୋକ ଏବଂ ଚିତ୍ରିତ ବଗ ଲାଗିବାର ସମ୍ଭାବନା ରହଛି । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକିର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନକି ଉପାୟରେ ଜଉ ପୋକ ଏବଂ ଚିତ୍ରିତ ବଗ କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ମହୁମାଛିମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକ କୁ ପ୍ରୟୋଗ କରନ୍ତୁ । |
| ବାଦାମ | ବାୟୁମଣ୍ଡଳ ର ତାପମାତ୍ରା ବଢିବା ଯୋଗୁଁ ଚିନାବାଦାମ ଫସଲରେ ଶୋଷକ ପୋକ ଯଥା ଜଉ ଓ ପତ୍ର ଉକୁଣି ପୋକ ର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖାଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣି ପୋକ ର ପରଚାିଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦-ମିଲି ଇମିଡାକ୍ଲୋପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପ୍ରାଥମିକ ଅବସ୍ଥାରେ ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି- ପ୍ରୋଫେନୋଫସ ନାମକ କୀଟନାଶକ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ ଏବଂ ସାଇପରମେଥ୍ରିନ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ଚିନାବାଦାମ ଫସଲରେ ଟୀକା ରୋଗ ଲାଗିବାର ଅଛି । ଏହି ରୋଗ ଦ୍ୱାରା ଆକ୍ରାନ୍ତ ଗଛର ପତ୍ରର ତଳ ପଟେ ଗାଢ କଳା ଦାଗ ଦେଖାଯାଏ । ପରେ ଦାଗ ଗୁଡିକ ମିଶିଯାଇ ସମ୍ପୂର୍ଣ୍ଣ ପତ୍ରକୁ ମାଡିଯାଏ । ଅଧିକ ଆକ୍ରାନ୍ତ ହେଲେ ପତ୍ର, ଡେମ୍ଫ ଓ କାଣ୍ଡ କୁ ମଧ ବ୍ୟାପିଥାଏ ଓ ପରେ ପତ୍ରଗୁଡିକ ଝଡିପଡେ । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ କ୍ଲୋରୋଥାଲୋନିଲ କିମ୍ବା ୬୦୦-ଗ୍ରାମ ମାଙ୍କୋଜେବ କିମ୍ବା ୩୦୦-ମି.ଲି ହେକ୍ସାକୋନାଜୋଲ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବୋଇତି କଖାରୁ | ବର୍ଷା ପରେ କୁହୁଡି ଜନିତ ପାଗ ହେତୁ ଦଙ୍କଜାତୀୟ ପନିପରିବା ଯଥା କଖାରୁ, ଲାଉ, କାକୁଡି ଏବଂ ଝୁଡୁଙ୍ଗ, ବିନ, ମୁଗ, ବିରି ଆଦି ଫସଲରେ ପାଉଁଶିଆ ରୋଗ ସମସ୍ୟା ବୃଦ୍ଧିପାଇପାରେ, ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୪ ଗର୍ମ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ହିସାବରେ ସଲଫର ୮୦% ସେଚିତ ଗୁଣ୍ଡ କିମ୍ବା ୨ ଗ୍ରାମ ଟେବୁକୋନାଜୋଲ ୧୦% + ସଲଫର ୬୫% ମିଶାଇ ପ୍ରୟୋଗ କରନ୍ତୁ । |
| ବାଇଗଣ | ବାଇଗଣରେ ଗଣ୍ଡି ଏବଂ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଆକ୍ରାନ୍ତ ଗଛର ଅଗ ଡାଳଟି ଝାଉଁଳି ପଡେ ଓ ପରେ ଏହି ଝାଉଁଳି ଥିବା ଡାଳଟି ଶୁଖିଯାଏ । ଫଳ ଅବସ୍ଥାରେ ଶକୁଗୁଡିକ ଡାଳ ଅପେକ୍ଷା ଫଳ ଗୁଡିକୁ ବେଶି ଆକ୍ରମଣ କରିଥାନ୍ତି । ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି LeucinLure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବାଇଗଣ ଫସଲରେ ଯଦି, ଶତକଡା ୪-ଭାଗ ଅଗ ଝାଉଁଳା ବା ଶତକଡା ୧୪-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକାଡ଼ ରାସାୟନିକ ଉପାୟରେ ପରିଚାଳନା ପାଇ ଏଁକର ପ୍ରତି ୭୫- ମି.ଲି ସ୍ପିନୋସାଡ କିମ୍ବା ୮୦-ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୮୦-ମି.ଲି କ୍ଲୋରାନଟ୍ରାନିପ୍ରୋଲ କିମ୍ବା ୨୦୦-ମି.ଲି ସ୍ଵାଇନେଟୋରାମ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।ଏହି କୀଟନାଶକ ମଧ୍ଯରୁ ଯେକୌଣସି ଗୋଟିଏକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫-ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ଟମାଟର | ମୁଖ୍ୟ ଜମିରେ ରୁଆ ଯାଇଥିବା ବିଲାତି ବାଇଗଣ ଫଳ ପାକଳ ହେବା ରୁ ଅମଳ ହେବା (୧୩ – ୧୬ ସପ୍ତାହ) ଅବସ୍ଥାରେ ଅଛି । ବିଲାତି ବାଇଗଣ ବଜାରରେ ବିକ୍ରୟ ପାଇଁ ଅଧା ଲାଲ ପଡିଥିବା ଅବସ୍ଥାରେ ଅମଳ କରନ୍ତୁ । ବର୍ତ୍ତମାନ ସମୟରେ ବିଲାତି ବାଇଗଣ ଫସଲରେ ଧଳାମାଛି ଲାଗିବାର ସମ୍ଭାବନା ରହଛି । ଉଭୟ ଅର୍ଭକ ଓ ପୂର୍ଣାଙ୍ଗ ଅବସ୍ଥାରେ ଧଳା ମାଛି ମାନେ ପତ୍ର ରୁ ରସ ଶୋଷି ଖାଇବା ହେତୁ ଆକ୍ରାନ୍ତ ପତ୍ର ଗୁଡିକ ଉପର ଆଡକୁ ମୋଡି ହୋଇଯାଏ ଏବଂ ବିବର୍ଣ୍ଣ ପଡି ଏହାର ସଜୀବତା ହ୍ରାସ ପାଏ । ଧଳା ମାଛି ଭୂତାଣୁ ଜନତି ପତ୍ରମୋଡା ରୋଗର ବାହକ ଅଟେ । ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଜନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiomethoxam କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦-ମିଲି Spiromesifen ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଟମାଟୋ ଫସଲରେ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଫଳଗୁଡିକୁ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି, Helilure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦- ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ଟମାଟୋ ଫସଲରେ ଯଦି, ଶତକଡା ୧୦-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୮୦- ମି. ଲି Chlorantraniliprole ନାମକ କୀଟନାଶକ କିମ୍ବା ୪୦-ମିଲି Flubendiamide ନାମକ କୀଟନାଶକ କିମ୍ବା ୧୦୦- ମି. ଲି Indoxacarb ନାମକ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହିକୀଟନାଶକ ଗୁଡିକ ମଧ୍ଯରୁ ଯେକୌଣସି ଗୋଟିଏକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫-ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ଭେଣ୍ଡୀ | ଖରା ଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୪-କିଲୋଗ୍ରାମ ଉନ୍ନତ ବିହନ କିସମ କିମ୍ବା ୧.୫ - କିଲୋଗ୍ରାମ ଶଙ୍କର ବା ହାଇବ୍ରିଡ ବିହନ ଆବଶ୍ୟକ ହୁଏ। ବିହନ ବୁଣିବା ପୂର୍ବରୁ ୧-କିଲୋଗ୍ରାମ ବିହନରେ ୩-ଗ୍ରାମ Thiram ସହିତ ୭-ଗ୍ରାମ Imidacloprid 70 % WS କୀଟନାଶକ ମିଶାଇ ବିଶୋଧନ କଲେ ଫସଲରେ ରୋଗ ଓ ଶୋଷକ ପୋକର ପ୍ରାଦୁର୍ଭାବ କମିଯାଏ । ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୨୬- କିଲୋଗ୍ରାମ DAP, ୨୦- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୦- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡିକୁ ଧାଡି ୩୦ ସେମି ଏବଂ ଗଛ କୁ ଗଛ ୩୦ ସେମି ବ୍ୟବଧାନ ରେ ଲଗାନ୍ତୁ । ଶଙ୍କର ବିହନ ପାଇଁ ଏକର ପ୍ରତି ୩୫- କିଲୋଗ୍ରାମ DAP, ୨୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୦- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡିକୁ ଧାଡି ୬୦ ସେମି ଏବଂ ଗଛ କୁ ଗଛ ୪୫ ସେମି ବ୍ୟବଧାନ ରେ ଲଗାନ୍ତୁ । |
| ଆମ୍ବ | ବର୍ଷା ଓ କୁହୁଡ଼ିଆ ପାଗ ପରେ ଆମ୍ବ ବଗିଚାରେ ଆମ୍ବ ଡାହାଣୀ କୀଟ ସମସ୍ୟା ଅଧିକ ଦେଖାଦେବାର ସମ୍ଭାବନା ଅଛି, ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୦.୪ ମିଲି Imidachloprid କୀଟନାଶକ ଔଷଧ ଗୋଳାଇ ଆମ୍ବ ଗଛ ଓ ତାର ସଖା ପ୍ରଶାଖାରେ ସିଞ୍ଚନ କରନ୍ତୁ। |

**କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ତାପମାତ୍ରା ବଢୁ ଥିବାରୁ କୁକୁଡା ମାନଙ୍କୁ ଦ୍ୱିପହର ବେଳା ଖାଇବାକୁ ଦିଅନ୍ତୁ ନାହିଁ । ପକ୍ଷୀମାନଙ୍କୁ ସକାଳ ଏବଂ ସନ୍ଧ୍ୟା ସମୟରେ ଖାଇବାକୁ ଦେବା ଉଚିତ୍ । ଦିନେ ଛାଡି ଦିନେ ବ୍ଲିଚିଂ ପାଉଡରରେ କୁକୁଡ଼ା ୟୁନିଟ୍ ସଫା କରିବା ଅତ୍ୟନ୍ତ ଜରୁରୀ । |